# ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ,ପୁରୀଙ୍କ କାର୍ଯ୍ୟାଳୟ

ପତ୍ର ସଂଖ୍ୟା ୨୪୪୮ ତାରିଖ ୨୯.୭.୨୫

## ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉ ଅଛି କି ସାକ୍ଷୀଗୋପାଳ କୃଷି ଫାର୍ମରେ ଥିବା ୧.୭୦ ଏକର ବିଶିଷ୍ଟ ଗୋଟିଏ ପୋଖରୀ ମାଛ ଚାଷ ନିମନ୍ତେ ୨୦୨୫-୨୬ ବର୍ଷ ଠାରୁ ୨୦୨୭-୨୮ ବର୍ଷ ପର୍ଯ୍ୟନ୍ତ ସର୍ବସାଧାରଣରେ ନିଲାମ କରାଯିବାକୁ ସ୍ଥିରକରାଯାଇଅଛି । ଏହି ନିଲାମକାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଇଚ୍ଛୁକ ଜନସାଧାରଣ ସେମାନଙ୍କ ନିଲାମ ମୂଲ୍ୟ ଏକ ସାଧାକାଗଜରେ ଲେଖି ଅମାନତ ବାବଦକୁ ଟ.୫୦୦୦/- ର (**Chief District Agriculture Officer, Puri, Payable at Puri** ନାମରେ) ଏକ ବ୍ୟାଙ୍କ ଡ୍ରାଫ୍ଟ ସହିତ ଜଉମୁଦା ଲଫାପାରେ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୦୫.୦୮.୨୦୨୫ ରିଖ ଅପରାହ୍ନ ୦୨.୦୦ ଘଟିକା ସୁଧା ଦାଖଲକରିବେ । ଉକ୍ତ ଦିନ ଅପରାହ୍ନ ୦୪.୦୦ ଘଟିକା ସମୟରେ ସମସ୍ତ ନିଲାମ ଦାଖଲକାରୀଙ୍କ ଉପସ୍ଥିତିରେ ଲଫାପା ଖୋଲାଯାଇ ସବୁଠାରୁ ଅଧିକ ମୂଲ୍ୟ ଦେଇଥିବା ବ୍ୟକ୍ତିଙ୍କୁ ଉକ୍ତ ନିଲାମ ପ୍ରଦାନ କରାଯିବ ଏବଂ ସେହିଦିନ ଉକ୍ତ ବ୍ୟକ୍ତି ନିଲାମ ମୂଲ୍ୟ କାର୍ଯ୍ୟାଳୟରେ ଜମାକରିବେ ଓ ଉପଯୁକ୍ତ ଆଦେଶନାମା ଗ୍ରହଣକରିବେ । ନିଲାମ ଧରିବା ପାଇଁ ସର୍ବନିମ୍ନ ମୂଲ୍ୟ ବାର୍ଷିକ ଟ.୨୫,୦୦୦ /- (ପଚିଶ ହଜାର ଟଙ୍କା) ମାତ୍ରଧାର୍ଯ୍ୟ କରାଯାଇଅଛି । ନିଲାମ ନେବାପାଇଁ ବିବେଚିତ ହୋଇ ସଂପୂର୍ଣ୍ଣ ଅର୍ଥ ସେହିଦିନ ଜମା ନକଲେ, ଅମାନତ ମୂଲ୍ୟ ବାଜ୍ୟାପ୍ତି ହେବ । ନିଲାମ ଦିନଠାରୁ ୩୧.୦୩.୨୦୨୮ ତାରିଖ ପର୍ଯ୍ୟନ୍ତ ଉକ୍ତ ପୋଖରୀର କେବଳ ମାଛ ଧରିବା ପାଇଁ ହକ୍‌ଦାର ହେବେ । ପରବର୍ତ୍ତୀ ୨ ବର୍ଷ ପାଇଁ ଯଥାକ୍ରମେ ୧୫.୩.୨୦୨୬ ଓ ୧୫.୩.୨୦୨୭ ମଧ୍ୟରେ ନିଲାମ ମୂଲ୍ୟର ସମ ପରିମାଣ ଅର୍ଥ ଦାଖଲ କରି ମଞ୍ଜୁରୀ ପ୍ରାପ୍ତ ନିଲାମଧାରୀ ନିଲାମ କାଏମ ରଖିପାରିବେ । ଅନ୍ୟଥା ଏହା ବାତିଲ କରାଯାଇ ନୂତନ ନିଲାମ ନୋଟିସ ପ୍ରକାଶ କରାଯିବ । ପ୍ରକାଶଥାଉକି, ଉପରୋକ୍ତ ମାଛର ଜଗାରଖା ଦାୟିତ୍ୱ ନିଲାମ ନେଇଥିବା ବ୍ୟକ୍ତି ନିଜେ ବହନକରିବେ । ନିଲାମ ନେବା ବ୍ୟକ୍ତି କିମ୍ବାତାଙ୍କ ଦ୍ୱାରା ପ୍ରୋତ୍ସାହିତ କୌଣସି ବ୍ୟକ୍ତି ଫାର୍ମ ଭିତରେ କୌଣସି ଅପ୍ରିତିକର କାର୍ଯ୍ୟ କରିବେ ନାହିଁ କିମ୍ବା ଏପରି କାର୍ଯ୍ୟରେ ସଂପୃକ୍ତ ରହିବେ ନାହିଁ । ଚୋରି କିମ୍ବା ପ୍ରାକୃତିକ ଦୁର୍ବିପାକ ଯୋଗୁ ଯଦି ମାଛ ନଷ୍ଟ ହୁଏ ନିମ୍ନ ସାକ୍ଷରକାରୀ ସେଥିପାଇଁ ଦାୟୀ ରହବେ ନାହିଁ ଓ ନିଜର ଅଧିକାର ବଳରେ ଉକ୍ତ ନିଲାମକୁ ଯେକୌଣସି ମୁହୂର୍ତ୍ତରେ କାରଣ ନ ଦର୍ଶାଇ ବାତିଲ କରିପାରିବେ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୪୪୯ ତାରିଖ ୨୯.୭.୨୫

ଏହାର ଏକକିତା ନକଲ ଏହି ଦପ୍ତରର ନୋଟିସ୍ ବୋର୍ଡରେ ଜନସାଧାରଣଙ୍କ ଗୋଚରାର୍ଥେ ଲଗାଗଲା ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୪୫୦ ତାରିଖ ୨୯.୭.୨୫

ଏହାର ଏକକିତା ନକଲ ଏହି ଦପ୍ତରର ମୁଖ୍ୟ କିରାଣୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଯଥା ଜଉମୁଦ ଲଫାପା ଗ୍ରହଣ କରିବା ନିମନ୍ତେ ପଠାଗଲା ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ

ଉପପତ୍ର ସଂଖ୍ୟା ୨୪୫୧ ତାରିଖ ୨୯.୭.୨୪

ଏହାର ଏକକିତା ନକଲ କୃଷି ଓଭରସିୟର, ସାକ୍ଷିଗୋପାଳ ଫାର୍ମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ନୋଟିସକୁ ଫାର୍ମ ନୋଟିସ ବୋର୍ଡରେ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଲଗାଇବାକୁ ଅନୁରୋଧ କରାଗଲା ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ**

ଉପପତ୍ର ସଂଖ୍ୟା ୨୪୫୨ ତାରିଖ ୨୯.୭.୨୪

ଏହାର ଏକକିତା ନକଲ ଜିଲ୍ଲାପାଳ, ପୁରୀ /ଉପ ଜିଲ୍ଲାପାଳ, ପୁରୀ / ଜିଲ୍ଲା କୃଷି ଅଧିକାରୀ, ସାକ୍ଷିଗୋପାଳ / ତହସିଲଦାର, ସତ୍ୟବାଦୀ / ବ୍ଲକଉନ୍ନୟନ ଅଧିକାରୀ, ସତ୍ୟବାଦୀ / District e.Governance Manager, Puri /ଜିଲ୍ଲା ମତ୍ସ୍ୟ ଅଧିକାରୀ, ପୁରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ନୋଟିସକୁ ତାଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଲଗାଇବାକୁ ଅନୁରୋଧ କରାଗଲା ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ**

ଉପପତ୍ର ସଂଖ୍ୟା ୨୪୫୩ ତାରିଖ ୨୯.୭.୨୪

ଏହାର ଏକକିତା ନକଲ ଯୁଗ୍ମ କୃଷି ନିର୍ଦ୍ଦେଶକ (ଫାର୍ମ ଏବଂ ବିହନ), ଓଡିଶା, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ**